# ୯ ବର୍ଷ ପରେ ଖୋଲିଲା ରହସ୍ୟ


ଜେସିବି ଦ୍ୱାରା ମୃତଦେହ ପୋତାଯାଇଥିବା ସ୍ଥାନରେ ଖୋଳାଯାଉଛି।


ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ।

**ଦୋଳଗୋବିନ୍ଦ ହତ୍ୟା ମାମଲା**

- ଛେଳିଚୋରି ରୋକିବାକୁ ବିଛାଇଥିଲେ ବିଦ୍ୟୁତ୍ ତାର
- ଛନ୍ଦି ହୋଇ ଯାଇଥିଲା ଜୀବନ, ଧରାପଡ଼ିଲେ ୩ ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ପୌରାଞ୍ଚଳ ଭଗବାନପୁର ଅଞ୍ଚଳର ଦୋଳଗୋବିନ୍ଦ ବେହେରା ହତ୍ୟାକାଣ୍ଡ ମାମଲାର ରହସ୍ୟ ଦୀର୍ଘ ୯ ବର୍ଷ ପରେ ଉନ୍ମୋଚିତ ହୋଇଛି। ଛେଳିଚୋରି ରୋକିବାକୁ ଅଭିଯୁକ୍ତମାନେ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୋଳଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ଅପରାଧ ଲୁଚାଇବାକୁ ଅତି ଚତୁରତାର ସହ ମୃତଦେହକୁ ପୋତି ଦେଇଥିଲେ। ୨୦୧୩ ଜୁଲାଇ ୨୩ରେ ଘଟିଥିବା ଏହି ଘଟଣା ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା। ମୃତକଙ୍କ ପରିବାର ଲୋକେ ନ୍ୟାୟ ଦାବିରେ ଆନ୍ଦୋଳନ କରିଥିଲେ ମଧ୍ୟ ପୋଲିସ ତଦନ୍ତରେ ସେଭଳି ଆଗ୍ରହ ଦେଖାଇ ନ ଥିଲା। ତେବେ ଏବେକାର ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଘଟଣା ସମ୍ପର୍କରେ ଅବଗତ ହେବା ପରେ ଏହାର ଖୋଳତାଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ପୋଲିସ ସଦର ଥାନା ମେଘାତଳବାହାଳି ଅଞ୍ଚଳର ବଟକୃଷ୍ଣ ଦେହୁରୀ ଓରଫ୍ ଟେରୁ (୨୭), ଦିଲୀପ ନାୟକ (୪୦) ଏବଂ ସୁନ୍ଦରିଖାଲ ଅଞ୍ଚଳର ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ମୃତଦେହ ପୋତା ଯାଇଥିବା ସ୍ଥାନକୁ ଜେସିବି ସହାୟତାରେ ଖୋଳାଯାଇ ଦୁଇଟି ହାଡ଼ ଜବତ କରାଯାଇଛି। ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବୋରେଟୋରିକୁ ପଠାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରିଖାଲ ଅଲେଖପୁର ଅଞ୍ଚଳର ସଚ୍ଚିଦାନନ୍ଦ ବେହେରାଙ୍କ ପୁଅ ଦୋଳଗୋବିନ୍ଦ ଢେଙ୍କାନାଳ ବାଜିଚୌକଠାରେ ଏକ ଲୁହା ଦୋକାନ କରିଥିଲେ। ଘଟଣାଦିନ ରାତି ସାଢ଼େ ୯ଟାରେ ସେ ଦୋକାନ ବନ୍ଦ କରି ଭଗବାନପୁର ଅଞ୍ଚଳର ହୋଟେଲ ବ୍ୟବସାୟୀ ବିନୋଦ ସାହୁଙ୍କ ବାଇକ୍‌ରେ ତାଙ୍କ ଢାବାକୁ ଯାଇଥିଲେ। ସେଠାରେ ଖାଇବା ପରେ କୁଶ ଦେହୁରୀ ନାମକ ଜଣେ ବ୍ୟକ୍ତିଙ୍କ ସହ ଏକ ସାଇକେଲରେ ଗାଁକୁ ଯାଉଥିବା କହି ବାହାରିଥିଲେ ମଧ୍ୟ ଘରେ ପହଞ୍ଚି ନ ଥିଲେ। ପରଦିନ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା। ଦୋଳଗୋବିନ୍ଦଙ୍କ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଟାଉନ ଥାନାରେ ନିଖୋଜ ମାମଲା ରୁଜୁ କରିଥିଲେ। ଜୁଲାଇ ୨୮ରେ ତାଙ୍କ ସାଇକେଲର ସନ୍ଧାନ ମିଳିଥିଲା। ପୂର୍ବରୁ ଜମି ବିବାଦକୁ ନେଇ ଦୋଳଗୋବିନ୍ଦଙ୍କ ସହ ୫ଜଣଙ୍କ ବିବାଦ ଥିଲା। ତେଣୁ ସେମାନେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରି ପରିବାର ଲୋକେ ଏବଂ ଅଞ୍ଚଳବାସୀ ଜିଲା କାର୍ଯ୍ୟାଳୟ, ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ଟାଉନ ଥାନା ଘେରାଉ କରିଥିଲେ। ବାପା ସଚ୍ଚିଦାନନ୍ଦଙ୍କ ଅଭିଯୋଗକ୍ରମେ ୨୦୧୪ ଅକ୍ଟୋବର ୩୦ରେ ଟାଉନ ଥାନାରେ ନଂ.୨୭୦/୧୪, ଦଫା ୩୦୨, ୨୦୧ ଓ ୩୪ରେ ଏକ ମାମଲା ରୁଜୁ କରାଯାଇଥିଲା। ଜମି ବିବାଦ ଥିବା ୫ ଯୁବକଙ୍କୁ ଜେରା କରାଯିବା ସହ ଲାଏ ଡିଟେକ୍ସନ ଟେଷ୍ଟ ମଧ୍ୟ ହୋଇଥିଲା। ହେଲେ ପୋଲିସକୁ କୌଣସି ସୁରାକ ମିଳି ନ ଥିଲା। ଇତିମଧ୍ୟରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁରୁଣା ମାମଲାର ଖୋଳତାଡ଼ ପୁନର୍ବାର ଆରମ୍ଭ ହୋଇଥିବାବେଳେ ପୋଲିସକୁ ସଫଳତା ମିଳିଛି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

## ବଦଳାଇଥିଲେ ମୃତଦେହ ଠିକଣା

ଦୋଳଗୋବିନ୍ଦ ହତ୍ୟାକାଣ୍ଡ ମାମଲାର ରହସ୍ୟ ଉନ୍ମୋଚନ କରି ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜେରାବେଳେ ଅଭିଯୁକ୍ତମାନେ ବଖାଣିଥିବା ଘଟଣାବଳୀ ସମ୍ପର୍କରେ ବିବରଣୀ ଦେଇ ଏସ୍‌ଡିପିଓ କହିଛନ୍ତି ଯେ, ଦୋଳଗୋବିନ୍ଦ ସେମାନଙ୍କ ଘରକୁ ଆସି ଛେଳି ଚୋରାଇ ନେଉଥିଲେ। ଏହା ଜଣାପଡ଼ିବା ପରେ ସେମାନେ ଘର ଚାରିପଟେ ବିଦ୍ୟୁତ୍ ତାର ବିଛାଇଥିଲେ। ଛେଳି ଚୋରି କରିବାକୁ ଯାଇଥିବା ଦୋଳଗୋବିନ୍ଦଙ୍କ ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ମୃତ୍ୟୁ ଘଟିଥିଲା। ପ୍ରଥମେ ଅଭିଯୁକ୍ତମାନେ ଏକ ବିଲରେ ମୃତଦେହକୁ ମାଟିଖୋଳି ପୋତି ଦେଇଥିଲେ। ତେବେ ଘଟଣାର କିଛିଦିନ ପରେ ଉକ୍ତ ଜମିକୁ ପ୍ଲଟିଂ କରି ବିକ୍ରି କରିବାକୁ ଏହାର ମାଲିକ ଆସି ସଫାସୁତରା କରିଥିଲେ। ଧରାପଡ଼ିଯିବା ପରେ ଭୟରେ ଅଭିଯୁକ୍ତମାନେ ବିଲରୁ ମୃତ ଦେହାବଶେଷ ବାହାର କରି ଗ୍ରାମ ନିକଟ ଏକ ନର୍ସରିରେ ପୋତିଦେଇଥିଲେ। ପୋଲିସ ତଦନ୍ତ ବେଳେ ଅଭିଯୁକ୍ତମାନେ ଦେଖାଇଥିବା ସ୍ଥାନରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜେସିବି ସହାୟତାରେ ମାଟି ଖୋଳାଯାଇଥିବାବେଳେ ୨ ଖଣ୍ଡ ହାଡ଼ ଏବଂ କିଛି ଚୁଟି ବାହାରିଥିଲା। ଅଭିଯୁକ୍ତମାନେ ମୃତଦେହ ଠିକଣା ବଦଳାଇଥିଲେ ମଧ୍ୟ ଶେଷରେ ସବୁ ସତ ପଦାକୁ ଆସିଛି ବୋଲି ଏସ୍‌ଡିପିଓ କହିଛନ୍ତି।


କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

# କ୍ଷତିପୂରଣ ଦାବିରେ ୭ ଘଣ୍ଟା ରାସ୍ତାରୋକୋ

**ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା**

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ସଦର ଥାନା କପିଳାସ ଅଭୟାରଣ୍ୟରେ ଶନିବାର ମଧ୍ୟାହ୍ନରେ ହାତୀ ଆକ୍ରମଣରେ କୃଷ୍ଣକୁମାରପୁର ବିରାଡ଼ିଆ ଗ୍ରାମର ବ୍ରହ୍ମା ନାଏକଙ୍କ ସ୍ତ୍ରୀ ଝୁନା (୫୫)ଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରବିବାର ଅପରାହ୍ନ ୧ଟାରୁ ରାତି ୮ଟା ଯାଏ ଢେଙ୍କାନାଳ-କପିଳାସ ରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଦୀପ ପ୍ରଧାନ, କପିଳାସ ରେଞ୍ଜର ତନ୍ମୟ ମହାନ୍ତଙ୍କ ହସ୍ତକ୍ଷେପ ସତ୍ତ୍ୱେ ସମାଧାନର ବାଟ ବାହାରି ନ ଥିଲା। ପରେ ବନ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା ଏବଂ ରେଡ୍‌କ୍ରସ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଅଭୟାରଣ୍ୟକୁ ପ୍ରବେଶ ନିଷେଧ କରାଯାଇଛି। ତେବେ ଜୀବନ ଜୀବିକା ପାଇଁ ସମ୍ପୃକ୍ତ ମହିଳା ଜଙ୍ଗଲକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଭବିଷ୍ୟତରେ ଏଭଳି ହେବନାହିଁ ବୋଲି ସେମାନେ ଲିଖିତ ଭାବେ ଜଣାଇବା ପରେ ଏହାକୁ ପିସିସିଏଫ୍‌ଙ୍କ ନିକଟକୁ ପଠାଯାଇଥିଲା। ପିସିସିଏଫ୍‌ଙ୍କ ଅନୁମୋଦନ ପରେ ଜିଲା ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

# ୩୩୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦ ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା', ନବ ଲିମିଟେଡ୍ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶନିବାର ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ବସନ୍ତ କୁମାର ରଥ, ସମ୍ମାନିତ ଅତିଥି ସୁଇସ୍ ହେଇଦି ଫାଉଣ୍ଡେଶନର ଡା. ଶଶାଙ୍କ ମହାନ୍ତି, ରୋଟାରିଆନ ଚିନ୍ମୟ ମହାପାତ୍ର, ସସ୍ମିତା ଦାଶ, ନବ କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ରାଧେଶ୍ୟାମ ସିଂ, ହେମନ୍ତ କୁମାର ପଟେଲ, ପୂର୍ବତନ ସରପଞ୍ଚ ନରୋତ୍ତମ ରାଉତ, ଦୟାନିଧି ଦଳେଇ, ସରପଞ୍ଚ ସାବିତ୍ରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ, ଚକ୍ଷୁ, ଭେଷଜ, ମଧୁମେହ, ପେଟବାୟୁ, ଥଣ୍ଡା, କାଶ, ଜ୍ୱର, ଚର୍ମ, ସ୍ତ୍ରୀ ଓ ପ୍ରସୂତି, ଦନ୍ତ ଆଦି ବିଭାଗର ବିଶେଷଜ୍ଞମାନେ ୩୩୭ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହୋମିଓପାଥିକ୍ ସ୍ୱାସ୍ଥ୍ୟ ପରାମର୍ଶ ମଧ୍ୟ ଯୋଗାଇ ଦିଆଯାଇଥିଲା। ୯୧ଜଣଙ୍କୁ ଚଷମା ଓ ଔଷଧ ପ୍ରଦାନ କରାଯାଇଥିଲା। ମାନସିକ ଅନଗ୍ରସର ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ।

ଡା. ମାନସ କୁମାର ଦାଶ, ଡା. ରାଜେଶ କୁମାର ଜେନା, ଡା. ସୁଧାଂଶୁ ଲେଙ୍କା, ଡା. ଅଶୋକ ପଟ୍ଟନାୟକ, ଡା. କ୍ଷଣପ୍ରଭା ମହାନ୍ତି, ଡା. ନିବେଦିତା ନାୟକ, ଫାର୍ମାସିଷ୍ଟ ପୂଜାରାଣୀ ସାହୁ, ଅମିତ ସାହୁ, ସ୍ୱାଗତିକା ଦାସ ପ୍ରମୁଖ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ। ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ବିଜ୍ଞାନ ମହାନ୍ତି, ରୋଟାରି କ୍ଲବ ରାଜଧାନୀ, ଢେଙ୍କାନାଳ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ଓ ପ୍ରିୟ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# 'କଳ୍ପିତ ସ୍ୱପ୍ନ' ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଜିଲା ଲେଖକ ସଂସଦଠାରେ ରବିବାର ବୈଜୟନ୍ତୀ ପଟ୍ଟନାୟକଙ୍କ ରଚିତ ଏବଂ ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରକାଶ କୁମାର ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'କଳ୍ପିତ ସ୍ୱପ୍ନ' ଲୋକାର୍ପିତ ହୋଇଯାଇଛି।

ରଶ୍ମିତା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ସୁକାନ୍ତି ସାହୁ, ସସ୍ମିତା ଦାଶଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଡ. ପ୍ରକାଶ କୁମାର ପଟ୍ଟନାୟକ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଲେ, ଜଣେ ଗୃହିଣୀ ପରିବାରର ସମସ୍ତଙ୍କ କଥା ବୁଝିବା ସହ କବିତା ଲେଖିବା କଷ୍ଟସାଧ୍ୟ। ପୁସ୍ତକର ରଚୟିତା ବୈଜୟନ୍ତୀ ପଟ୍ଟନାୟକଙ୍କ ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପାଲାଗାୟକ ଦୁର୍ଗାମାଧବ ପୃଷ୍ଟି, ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, କବି ମନୋରଞ୍ଜନ ନନ୍ଦ, କବି ପ୍ରକାଶ ରାଉତ, ବାହାଦୁର ପାଟସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।


ପୁସ୍ତକ 'କଳ୍ପିତ ସ୍ୱପ୍ନ' ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

# ମୁକ୍ତିକାନ୍ତଙ୍କ କାନ୍ଧରେ ସମସ୍ୟା ମଡେଲ


ନବୀନ ନିବାସ ଅଭିମୁଖେ ମୁକ୍ତିକାନ୍ତ।

**ଢେଙ୍କାନାଳ ଅଫିସ, ୧୧।୧୨**

ରାଉରକେଲାବାସୀଙ୍କ ବିଭିନ୍ନ ଦାବି ଏବଂ ସମସ୍ୟାର ମଡେଲକୁ କାନ୍ଧରେ ନେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ମୁକ୍ତିକାନ୍ତ ବିଶ୍ୱାଳ। ରବିବାର ସେ ଢେଙ୍କାନାଳରେ ପହଞ୍ଚିଥିଲେ। ତାଙ୍କ କହିବା କଥା, ୨୦୧୩ରେ ମୁଖ୍ୟମନ୍ତ୍ରୀ ରାଉରକେଲା ଗସ୍ତ କରିଥିଲେ। ସେତେବେଳେ ସରକାରୀ ଚିକିତ୍ସାଳୟକୁ ୪୦୦ ଶଯ୍ୟା ବିଶିଷ୍ଟ, କ୍ୟାପିଟାଲ ହସ୍ପିଟାଲ ମଡେଲରେ ଉନ୍ନତୀକରଣ, କୋଏଲ ନଦୀରେ ବ୍ୟାରେଜ୍, ରିଙ୍ଗ୍‌ରୋଡ, ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ କୌଣସି କାର୍ଯ୍ୟ ହେଲାନାହିଁ। ପ୍ରତିବାଦରେ ସେ ୨୦୧୫ରେ ରାଉରକେଲାରୁ ପଦଯାତ୍ରା କରି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ। ତଥାପି ଦାବି ପୂରଣ ହେଲାନାହିଁ। ତେଣୁ ସମସ୍ୟାଗୁଡ଼ିକର ମଡେଲ ପ୍ରସ୍ତୁତ କରି ପୁଣିଥରେ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଥିବା ମୁକ୍ତିକାନ୍ତ କହିଛନ୍ତି।

# ପ୍ରକୃତିର ଅନବଦ୍ୟ ସୃଷ୍ଟି 'ପର୍ବତ'


ପର୍ବତ ଦିବସ ପାଳନ ଅବସରରେ ସଙ୍ଗଠନର କାର୍ଯ୍ୟକର୍ତ୍ତାବୃନ୍ଦ।

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଜିଲା ବୁଦ୍ଧିଜୀବୀ ସଙ୍ଗଠନ ତରଫରୁ 'ଅନ୍ତର୍ଜାତୀୟ ପର୍ବତ ଦିବସ' ସ୍ଥାନୀୟ ପାଣିଓହଳା ପାହାଡ଼ ପାଦଦେଶରେ ରବିବାର ପାଳିତ ହୋଇଯାଇଛି। ମିଳିତ ଜାତିସଂଘର ସାଧାରଣ ପରିଷଦ ଦ୍ୱାରା ୨୦୦୨କୁ 'ଅନ୍ତର୍ଜାତୀୟ ପର୍ବତ ବର୍ଷ' ଭାବେ ଘୋଷଣା କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ଡିସେମ୍ବର ୧୧କୁ 'ଅନ୍ତର୍ଜାତୀୟ ପର୍ବତ ଦିବସ' ଭାବେ ପାଳନ କରାଯାଉଛି। ପର୍ବତ ସମୂହ ପ୍ରକୃତିର ଅନବଦ୍ୟ ସୃଷ୍ଟି। ଏହାର ଉପସ୍ଥିତି ଜୀବ ଜଗତ ତିଷ୍ଠି ରହିବା ଲାଗି ଅନେକ ଆବଶ୍ୟକତା ପୂରଣ କରୁଛି। ଏହା ହିଁ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ସଙ୍ଗଠନର ସଭାପତି ଡା. ତୁଷାରକାନ୍ତି ନାୟକ କହିଛନ୍ତି।

ଏହି ଉପଲକ୍ଷେ ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ନିକଟ ପାଣିଓହଳା ପାହାଡ଼ ପାଦଦେଶରେ ପୂଜାର୍ଚ୍ଚନା କରାଯାଇ ପର୍ବତ ସମୂହର ସୁରକ୍ଷା କାମନା କରାଯାଇଥିଲା। ବନ ବିଭାଗ ପରିସୀମାରେ ଥିବା ସମସ୍ତ ପର୍ବତର ମ୍ୟାପିଂ କରିବା, ପାଦଦେଶରେ ଜନବସତି ଲାଗି ଅନୁମତି ନ ଦେବା, ଜଙ୍ଗଲ ସୁରକ୍ଷା, ମିଶ୍ରିତ ଜଙ୍ଗଲ ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସଦସ୍ୟ ରୁଦ୍ର ପ୍ରକାଶ ସରଣ, ସରୋଜ ଶତପଥୀ, ଗୀତା ସାମଲ, ନିବେଦିତା ରାଉତ, ଢେଙ୍କାନାଳ କଲେଜ ଛାତ୍ର ଆଶିଷ କୁମାର ରାଉତ, ସାଇକୃପା ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଡାଲୁନ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବରିଷ୍ଠ ବାଳକ ବର୍ଗରେ ବୁଲୁ ମଲ୍ଲିକ ଶ୍ରେଷ୍ଠ

**ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ**

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ୩ଦିନ ଧରି ଚାଲିଥିବା ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ରିକଭର ବିଭାଗ ସବ୍ ଜୁନିୟର ବାଳକ ବର୍ଗରେ କୋରାପୁଟ ହାଲ୍‌ର ସୁରେଶ ଧିକା ପ୍ରଥମ, ଭୁବନେଶ୍ୱର 'କିସ୍'ର କେଶବ ବାନରା ଦ୍ୱିତୀୟ, ସାଇ ହାଲ୍ କୋରାପୁଟର ବିଜୟ ମାଡ଼ି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକା ବିଭାଗରେ 'କିସ୍'ର ମନସ୍ୱିନୀ ହାଁସଦା ପ୍ରଥମ, ସୁନ୍ଦରଗଡ଼ ସାଇର ମମିତା ଓରାମ ଦ୍ୱିତୀୟ ଓ କିସ୍‌ର ମନିତ୍ରା ବାତ୍ରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମିନି ବାଳକ ବର୍ଗରେ କିସ୍‌ର ରସାନନ୍ଦ ବିରୁଆ ପ୍ରଥମ, କୋରାପୁଟ ସ୍ପୋର୍ଟ୍ସ ହଷ୍ଟେଲର ସଞ୍ଜୟ ଗୁନ୍ତ୍ରା ଦ୍ୱିତୀୟ, ଗଙ୍ଗା ହନ୍ତାଳ ତୃତୀୟ ହୋଇଛନ୍ତି। ବରିଷ୍ଠ ବାଳକ ବିଭାଗରେ କିସ୍‌ର ବୁଲୁ ମଲ୍ଲିକ ପ୍ରଥମ, ସାଇ ହାଲ୍ କୋରାପୁଟର ପୂର୍ଣ୍ଣଚନ୍ଦ୍ର ମାଝି ଦ୍ୱିତୀୟ, କିସ୍‌ର ସର୍ବରମ୍ କୁମାର ମାର୍ଦ୍ଦେଙ୍ଗୀ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କନିଷ୍ଠ ବାଳକ ବିଭାଗରେ ସାଇ ହାଲ୍ କୋରାପୁଟର ସୁରେଶ ଉଇକା, କୋରାପୁଟ ସରକାରୀ ସ୍ପୋର୍ଟସ୍ ହଷ୍ଟେଲର ଅର୍ଜୁନ ଖରା ଦ୍ୱିତୀୟ ଓ କିସ୍‌ର ସୋମନାଥ ହେମ୍ବ୍ରମ ତୃତୀୟ ହୋଇଛନ୍ତି। କନିଷ୍ଠ ବାଳିକା ବିଭାଗରେ ସୁନ୍ଦରଗଡ଼ ସାଇର ମନିତ୍ରା ଓରାମ ପ୍ରଥମ, କିସ୍‌ର ମନସ୍ୱିନୀ ହାଁସଦା ଦ୍ୱିତୀୟ, ସାଇ ସୁନ୍ଦରଗଡ଼ର ମମତା ସେରୋନିଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ରାଜ୍ୟ ତୀରନ୍ଦାଜୀ ସଂଘ, ଜିଲା ତୀରନ୍ଦାଜୀ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇଥିଲେ। ଗୁରୁଶିଷ୍ୟ ପରମ୍ପରା ବଜାୟ ରଖିବା ସହ ନିଷ୍ଠାର ସହ ଅଭ୍ୟାସ ଜାରି ରଖିବାକୁ କ୍ରୀଡ଼ାବିତ୍‌ଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରିନ୍ସିପାଲ ପ୍ରତାପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

ପ୍ରତିଯୋଗିତା ଆୟୋଜନ କମିଟି ଉପାଧ୍ୟକ୍ଷ ରାଜକିଶୋର ବେହେରା, ରାଜ୍ୟ ତୀରନ୍ଦାଜୀ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ଉପସଭାପତି ସରୋଜ କୁମାର ସିଂ, ଜିଲା ସଂଘ ସମ୍ପାଦକ ଅମିୟ କୁମାର ଚାନ୍ଦ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ସଂଘ ପକ୍ଷରୁ ପ୍ରତାପ ବରାଳ, ହେମନ୍ତ କୁମାର ଖଟୁଆ, ନାରାୟଣ ପଟ୍ଟନାୟକ, ରାମକୃଷ୍ଣ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିମାନେ।


କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ବିତରଣ କରାଯାଇଛି।

## ସଂକ୍ଷେପରେ

### ବିଏସ୍‌କେୱାଇରେ ମିଳିଲାନି ଚିକିତ୍ସା, ବୃଦ୍ଧା ଥାନାର ଦ୍ୱାରସ୍ଥ

**ଅନୁଗୋଳ ଅଫିସ, ୧୧।୧୨:** ଅନୁଗୋଳ ଜିଲା ତାଳଚେର ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ବୃଦ୍ଧା ଅନ୍ନପୂର୍ଣ୍ଣା ପରିଡ଼ାଙ୍କୁ ଚିକିତ୍ସା ମିଳି ନ ଥିବା ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ପୁତୁରା ବିଭୂତି ଭୂଷଣ ପରିଡ଼ା ଅଭିଯୋଗରେ ଦର୍ଶାଇଛନ୍ତି, ଅନ୍ନପୂର୍ଣ୍ଣାଙ୍କ ଜଂଘ ଅପରେଶନ ପାଇଁ ଶନିବାର ମଧ୍ୟାହ୍ନ ୧୨ଟାରେ ତାଙ୍କୁ ଘରୋଇ କ୍ଲିନିକ୍‌କୁ ନିଆଯାଇଥିଲା। ଉକ୍ତ କ୍ଲିନିକ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ଯୋଗାଇ ଦେବାକୁ ପଞ୍ଜୀକୃତ ହୋଇଛି। କିନ୍ତୁ ଉକ୍ତ କ୍ଲିନିକ୍‌ରେ ୪୨ ହଜାର ଟଙ୍କା ଲାଗିବ ବୋଲି କୁହାଯାଇଥିଲା। ବିଏସ୍‌କେୱାଇ କାର୍ଡରୁ ଅର୍ଥ ନେବାକୁ ଅନ୍ନପୂର୍ଣ୍ଣା କହିଥିଲେ ହେଁ ମାତ୍ର ୨୦ ହଜାର ଟଙ୍କା କାର୍ଡରୁ ନିଆଯାଇପାରିବ ବୋଲି କ୍ଲିନିକ ମ୍ୟାନେଜର ଓ ସ୍ୱାସ୍ଥ୍ୟମିତ୍ର କହି ତାଙ୍କୁ ବାହାର କରିଦେଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନଂ. ୯୫୨/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

### ବନ୍ଧୁକ ଦେଖାଇ ନେଇଗଲେ ୧୦ ହଜାର

**ଅନୁଗୋଳ ଅଫିସ, ୧୧।୧୨:** ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଗୋତମରା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୧୦ ହଜାର ଟଙ୍କା ଲୁଟି ନିଆଯାଇଛି। ଏ ନେଇ ଗୋତମରା ଅଞ୍ଚଳର ବ୍ୟବସାୟୀ ଜୟନ୍ତ କୁମାର ବରାହ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୩୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗୋତମରାରେ ଏକ ପେଟ୍ରୋଲ ପମ୍ପ ନିକଟରେ ଜୟନ୍ତଙ୍କ ଦୋକାନ ରହିଛି। ସନ୍ଧ୍ୟା ୭ଟା ବେଳେ ଦୋକାନ ସମ୍ମୁଖରେ ଏକ ଧଳା କାର୍ ପହଞ୍ଚିଥିଲା। ୩ ଜଣ ଯୁବକ ବାହାରି ଦୋକାନ ପାର୍ଶ୍ୱ ଫାଟକ ଚଢ଼ି ପାର ହେଉଥିଲେ। ଫାଟକ କାହିଁକି ଚଢ଼ୁଛନ୍ତି ବୋଲି ଜୟନ୍ତ ପଚାରିବାରୁ ସମ୍ପୃକ୍ତ ଯୁବକମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ୪ ହଜାର ଟଙ୍କା ନେଇଯାଇଥିଲେ। ଏଥିସହ ଦୋକାନର କ୍ୟାଶ୍ ବାକ୍ସରୁ ୬ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଲୁଟି ନେଇଥିଲେ। ନିକଟରେ ଥିବା କେତେଜଣ ଲୋକ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଏକ ହାତ ବୋମା ଫିଙ୍ଗିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିବା ପୋଲିସ ପ୍ରକାଶ କରିଛି।

### ମା'ଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୧।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନ୍ଧଗାଁ ଗ୍ରାମର ମିଥିଲି ନାୟକଙ୍କୁ ତାଙ୍କ ପୁଅ ଗଣେଶ ନାୟକ ମାଡ଼ ମାରିଥିବା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୨୦/୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମିଥିଲି ତାଙ୍କ ବଗିଚାରେ ବାଦାମ ଅମଳ କରୁଥିବାବେଳେ ଗଣେଶ ସହଯୋଗ କରି ନ ଥିଲେ। ଏ ନେଇ ମିଥିଲି କହିବାରୁ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ଯୁବତୀଙ୍କୁ ନେଇ ବିବାହିତ ଯୁବକ ଫେରାର

**ବଇଣ୍ଡା, ୧୧।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଠାକୁରଗଡ଼ ଥାନା କରଡ଼ାବାହାଲୀ ମଧୁ ଗ୍ରାମର ବିବାହିତ ଯୁବକ ଜୟନ୍ତ ସାହୁ ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ଜୟନ୍ତଙ୍କ ସ୍ତ୍ରୀ ଡଲି ରାଉଳ ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୨୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଜୟନ୍ତ କିଛିମାସ ହେବ ପୁରୁଣାକୋଟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇବା ସହ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ କେଉଁଆଡେ ନେଇ ଯାଇଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

### ୩୦ ହାତୀଙ୍କୁ ନେଇ ଲୋକେ ଆତଙ୍କିତ

**କଣିହାଁ, ୧୧।୧୨(ଡି.ଏନ.ଏ.):** ତାଳଚେର ବନାଞ୍ଚଳ କଣିହାଁ ବ୍ଲକର ସମଲ ଅଞ୍ଚଳରେ ୩୦ ହାତୀ ଗତ ୩ ଦିନ ହେବ ଉପଦ୍ରବ ଚଳାଇଛନ୍ତି। ଫଳରେ ଚାଷୀଙ୍କ ଅମଳକ୍ଷମ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ସମେତ ରାସ୍ତାରେ ଯାଉଥିବା ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତ ତିନିଦିନ ହେବ ହାତୀପଲ ସମଲ, ବିଲିଣ୍ଡା ଓ ବିକଶିର ଗ୍ରାମରେ ରହି ଉପଦ୍ରବ କରୁଛନ୍ତି। ରବିବାର ଅପରାହ୍ନରେ ବିଲିଣ୍ଡା ନିକଟରେ ହାତୀପଲରୁ ଗୋଟିଏ ହାତୀ ରାସ୍ତା ଆଡକୁ ଆସୁଥିବା ବେଳେ ଅନ୍ୟ ହାତୀପଲ ରାସ୍ତାଠାରୁ ଅଳ୍ପ ଦୂରରେ ରହିଥିଲେ। ଫଳରେ ରାସ୍ତାରେ ଅନେକ ସମୟ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବନ ବିଭାଗର ଅପାରଗତା ପାଇଁ ଲୋକମାନେ ଭୟଭୀତରେ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଅଧିକାରୀଙ୍କ ଉପରେ ବଢ଼ୁଛି ଆକ୍ରମଣ

■ହେଉନାହିଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

■ସମନ୍ୱୟ ଅଭାବରୁ ଘଟୁଛି ଅଘଟଣ

**ଢେଙ୍କାନାଳ ଅଫିସ, ୧୧।୧୨**


ଡିଏଫ୍‌ଓଙ୍କ ଉପରେ ଆକ୍ରମଣ ପରେ ତଦନ୍ତ ଚାଲିଛି।

ଢେଙ୍କାନାଳ ଜିଲାର ମୂଲ୍ୟବାନ କଳାମୁଗୁନି ପଥରର ଚାହିଦା କାହିଁରେ କେତେ। ଏହି ଲଘୁ ଖଣିଜର ଚୋରା କାରବାରରେ ଅତି ଅଳ୍ପ ସମୟରେ ବିପୁଳ ଅର୍ଥ ରୋଜଗାର ହେଉଥିବାବେଳେ ଏହାର ମୋହରୁ ବର୍ତ୍ତି ପାରୁନାହାନ୍ତି ମାଫିଆ। ସ୍ଥଳ ବିଶେଷରେ ଚଢ଼ାଉ ବେଳେ ଧରାପଡ଼ିବା ଭୟରେ ସେମାନେ ରକ୍ତମୁଖା ହୋଇ ଉଠୁଛନ୍ତି। ସରକାରୀ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଶନିବାର ରାତିରେ ଡିଏଫ୍‌ଓ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କ ଉପରେ ହୋଇଥିବା ଆକ୍ରମଣ କେବଳ ଗୋଟିଏ ଘଟଣା ନୁହେଁ, ଜିଲାରେ ନିୟମିତ ଏଭଳି ଘଟଣା ଘଟୁଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଏବଂ ବେଆଇନ ପଥର ଖାଦାନରେ ଚଢ଼ାଉ ବେଳେ ସମନ୍ୱୟ ନ ରହିବା ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ପଥର ଚୋରା ଚାଲାଣକାରୀ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବେଳକୁ ପ୍ରଶାସନ ଚାପଗ୍ରସ୍ତ ହୋଇପଡୁଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ପ୍ରାୟ ସାଢ଼େ ୩ବର୍ଷ ତଳେ ଜଣେ ମହିଳା ଅତିରିକ୍ତ ଜିଲାପାଳ ଗଁଦିଆ ବ୍ଲକ ଅଧୀନ ନିହଳପ୍ରସାଦ ଥାନା ଅଞ୍ଚଳରେ ଥିବା ପଥର ଖାଦାନରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଧରାପଡ଼ିଥିବା ଟ୍ରକ୍, ପଥରକଟା ମେଶିନ ଜବତ କରି ଆଣୁଥିବାବେଳେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଜବତ ଗାଡ଼ି ଓ ଯନ୍ତ୍ରାଂଶ ଛଡାଇ ନେଇଥିଲେ। ଏଥିପୂର୍ବରୁ ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀମାନେ ମଧ୍ୟ ଅନୁରୂପ ଆକ୍ରମଣର ଶିକାର ହୋଇଥିଲେ। ନିହଳପ୍ରସାଦ ଥାନା ଅଞ୍ଚଳରେ ପଥର ମାଫିଆମାନେ ସେମାନଙ୍କ ଉପରେ ଆକ୍ରମଣ କରି ସରକାରୀ ଗାଡ଼ି ଭଙ୍ଗାରୁଜା କରିଥିଲେ। ୨୦୨୧ରେ ଓଡାପଡା ବ୍ଲକ ଅଧୀନ ଇନ୍ଦିପୁର ଅଞ୍ଚଳରେ ରାତିଅଧିଆ ବେଆଇନ ପଥର ଖାଦାନ ଉପରେ ଚଢ଼ାଉ ବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏସବୁ ଘଟଣା ମଧ୍ୟରୁ କୌଣସି ଗୋଟିଏରେ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ତେଣୁ ଶନିବାର ରାତିରେ ଜିଲା ବନ ବିଭାଗର ସର୍ବୋଚ୍ଚ ପଦବୀରେ ଥିବା ଅଧିକାରୀଙ୍କ ଉପରେ ପଥର ଚାଲାଣକାରୀ ଆକ୍ରମଣ କରିବାକୁ ଭୟ କଲେନାହିଁ ବୋଲି ଆଲୋଚନା ହେଉଛି। ବେଆଇନ ପଥର ଚାଲାଣକାରୀଙ୍କୁ ଦମନ କରିବାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ ହେବା ଜରୁରୀ ହୋଇପଡ଼ିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ପାଇଁ ଏକାଠି ହେବାକୁ ପଡ଼ିବ

**ବଣ୍ଟରପାଳ, ୧୧।୧୨ (ଡି.ଏନ.ଏ.)**

## ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ଦିବସ

ବଣ୍ଟରପାଳସ୍ଥିତ ଯାତ୍ରା ପଡ଼ିଆରେ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର ଅରୁଣ କୁମାର ସ୍ୱର୍ଣ୍ଣକାର ଯୋଗଦେଇ ସମାଜରୁ ଦୁର୍ନୀତି ଦୂର କରିବାକୁ ହେଲେ ସମସ୍ତଙ୍କୁ ଜଣେ ଜଣେ ମାନବ ଅଧିକାର କର୍ମୀ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଙ୍ଗଠନ ସମ୍ପାଦକ କଳ୍ପନା ରାଉତରାୟ ଯୋଗଦେଇ ମାନବ ଅଧିକାର କ୍ଷୁଣ୍ଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକାଠି ହେବାକୁ ପଡ଼ିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଏଫଏ ସଂସ୍ଥାର ବରିଷ୍ଠ ପରିଚାଳନା ଅଧିକାରୀ ଅଶୋକ କୁମାର ବାରିକ ଯୋଗଦେଇ ମାନବ ଅଧିକାର ରକ୍ଷକ ସଙ୍ଗଠନର ହାତ ମୁଠାକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ। ଅନୁଗୋଳ ଜିଲାର ଅନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନ ସଭାପତି ପ୍ରଭାତ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ଦଳବେହେରା, ସଂଘ ଉପସଭାପତି ଜ୍ୟୋତିର୍ମୟ ବେହେରା, ରଶ୍ମିରଞ୍ଜନ ବରାହ, ଜିଲା ମହିଳା ସଂଘ ସଭାପତି ମମତା ପ୍ରଧାନ, ଜିଲା ମିଡିଆ ସେଲ୍ ସଭାପତି ରାଜେଶ କୁମାର ନାୟକ, ବ୍ଲକ ସଭାପତି ଦିଲୀପ କୁମାର ସାମଲ, ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ମେଧାବୀ ଛାତ୍ରୀଛାତ୍ର, ଖବରଦାତା, ସାମାଜିକ କର୍ମୀ ପ୍ରମୁଖ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

# ମସୁଣିହତା, ସାନତ୍ରିବିଡ଼ା ବିଜୟୀ

**କଣିହାଁ, ୧୧।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ଡେରେଙ୍ଗ ମଝିସାହି ତ୍ରିରଙ୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ଠାରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ବିଚ୍ଛନ୍ଦ ସାହୁ, ସମ୍ପାଦକ ପବିତ୍ର ସାହୁଙ୍କ ଉପସ୍ଥିତିରେ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ ନାଏକ, ନାଏବ ସରପଞ୍ଚ ବୁଲୁ ସାହୁ, ଗ୍ରାମର ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଦେବଗଡ଼ ଜିଲାର ଷେଣ୍ଠା କ୍ରିକେଟ ଟିମ୍ ଓ କଣିହାଁ ମସୁଣିହତା ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମସୁଣିହତା ବିଜୟୀ ହୋଇଥିଲା। ସେହିପରି ଅପରାହ୍ନରେ ଗୟା ୱରିୟସ ଓ ସାନତ୍ରିବିଡା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ସାନତ୍ରିବିଡା ଟିମ୍ ବିଜୟୀ ହୋଇଥିଲା। ଅନିଲ ସାହୁ ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ନାଗରିକ, ସାମାଜିକ କର୍ମୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ସୋଲଣ୍ଡାରେ ଚକ୍ଷୁ ପରୀକ୍ଷା ଶିବିର

**ବଇଣ୍ଡା, ୧୧।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସୋଲଣ୍ଡାରେ ପଞ୍ଚଧାରା ଚାରି ଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ପୀତବାସ ପ୍ରଧାନ, ଶିକ୍ଷାବିତ୍ ବନବିହାରୀ ପ୍ରଧାନ, ଗ୍ରାମ ସଭାପତି ଶ୍ରୀଧର ମାଝି, ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ। ଏଥିରେ ୧୦୨ ଜଣ ମହିଳାପୁରୁଷଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅମୃତା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ପ୍ରବୀଣ ଗଡ଼ନାୟକ, ଉମାକାନ୍ତ ପ୍ରଧାନ, ଗୋପବନ୍ଧୁ ଦେହୁରୀ, ପ୍ରଦୋଷ ସାହୁ ସହଯୋଗ କରିଥିଲେ।


ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

# ରାସୋଳ ଅଞ୍ଚଳରେ ୧୦୦ ହାତୀ


ଫସଲ ନଷ୍ଟ ପରେ ଚିନ୍ତାରେ ଚାଷୀ।

■ଖାଇଯାଉଛନ୍ତି ଧାନ, ବ୍ୟାପକ ଚାଷ ନଷ୍ଟ

■ଅମଳ ସମୟରେ ଫସଲ ଚିନ୍ତାରେ ଚାଷୀ

■ଘଉଡ଼ାଇବାରେ ବନ ବିଭାଗ ବିଫଳ

**ରାସୋଳ, ୧୧।୧୨(ଡି.ଏନ୍.ଏ.)**

ଫସଲ ଅମଳ ସମୟରେ ମାତିଛନ୍ତି ହାତୀ। ବର୍ଷସାରା ହାଡ଼ଭଙ୍ଗା ପରିଶ୍ରମ କରିଥିବା ଚାଷୀ ଘରକୁ ଧାନ ଆଣିବାକୁ ଆଶା ବାନ୍ଧି ବସିଥିବାବେଳେ ମାତ୍ର କେଇ ଘଣ୍ଟାରେ ଉଜାଡ଼ି ଦେଉଛନ୍ତି ଚାଷ। ଆଖି ଆଗରେ ସୁନାର ଫସଲ ନଷ୍ଟ ହୋଇଯାଉଥିବା ବେଳେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର ଚାଷୀ।

ବୁହାଳିପାଳ କାଳିଯୋଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ଦଳବଦ୍ଧ ଭାବେ ରହୁଥିବା ୬୦ ହାତୀ ଏବେ ବିଭିନ୍ନ ପଲରେ ବିଭକ୍ତ ହୋଇ ଧାନ ଜମି ମୁହାଁ ହୋଇଛନ୍ତି। ସମାନ ଦୃଶ୍ୟ ଦେଖିବାକୁ ମିଳିଛି ଦଣ୍ଡିରି ଅଞ୍ଚଳରେ। ଏଠାରେ ମଧ୍ୟ ୪୦ ହାତୀ ଦୀର୍ଘଦିନ ହେଲା ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ନବକିଶୋରପୁର, ବୁହାଳିପାଳ, କୁନୁଆ, ଗଣ୍ଡାନାଳୀ, ଦଣ୍ଡିରି ଅଞ୍ଚଳରେ ହାତୀ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। କୁନୁଆ ଗ୍ରାମର ବାବୁଲି ନାୟକ ୧୨୦ ବସ୍ତା ଧାନ ଅମଳ କରି ରଖିଥିବାବେଳେ ଶନିବାର ରାତିରେ ୧୩ ହାତୀ ସେସବୁ ନଷ୍ଟ କରି ଦେଇଛନ୍ତି। ମାତ୍ର କେଇଘଣ୍ଟାରେ ବର୍ଷକର ପରିଶ୍ରମ ହରାଇ ସମ୍ପୃକ୍ତ ଚାଷୀ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି। ସେହିପରି ଗ୍ରାମର ଲମ୍ବୋଦର ସାମଲଙ୍କ ୧ ଏକର, ଜୟନ୍ତ ସାମଲ ୧ ଏକର, କାଟେଣୀ ଗ୍ରାମର ଅଖିଳ ନାୟକ, ବାଙ୍କଟିଆର ମନୋଜ ମିଶ୍ର, ରଘୁନାଥ ପାଳ, ଶୁଶୀଳ ପାଳ ସମେତ ବହୁ ଚାଷୀଙ୍କ ଜମିରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି ହାତୀପଲ। ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଚଳିତ ବର୍ଷ କଠିନ ପରିଶ୍ରମରେ ଭଲ ଫସଲ ହୋଇଥିଲା। ହେଲେ ସେସବୁ ନିମିଷକ ମଧ୍ୟରେ ହାତୀପଲ ନଷ୍ଟ କରି ପକାଉଥିବାବେଳେ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରୁଛି। ସ୍ୱଳ୍ପ କର୍ମଚାରୀ ଏତେ ସଂଖ୍ୟକ ହାତୀଙ୍କୁ ଘଉଡ଼ାଇବାରେ ବିଫଳ ହେଉଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲି ଗଲାଣି। ଏଭଳି ସ୍ଥିତି ଲାଗି ରହିଲେ ଚାଷୀକୁଳ ସର୍ବସ୍ୱାନ୍ତ ହୋଇପଡ଼ିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଏ ନେଇ ଖଲିବୋରେଇ ଫରେଷ୍ଟର ହିମାଂଶୁ ପୃଷ୍ଟି କୁହନ୍ତି, ବୁହାଳିପାଳରେ ଥିବା ୬୦ ହାତୀ ବିଭିନ୍ନ ଦଳରେ ବିଭକ୍ତ ହୋଇ ବିଲରେ ପଶୁଛନ୍ତି। ଅଳ୍ପ କର୍ମଚାରୀରେ ଏତେ ସଂଖ୍ୟକ ହାତୀଙ୍କୁ ଘଉଡ଼ାଇବା ସମ୍ଭବପର ହେଉନାହିଁ। ତଥାପି ରାତିସାରା ହାତୀଙ୍କ ଉପରେ ନଜର ରଖାଯାଉଛି। ଧନଜୀବନ ହାନି ଆଶଙ୍କା ଏଡ଼ାଇବାକୁ ଲୋକଙ୍କୁ ସଚେତନ କରାଯାଉଛି।

## ସହର ଉପକଣ୍ଠରେ ଆତଙ୍କ




**କାମାକ୍ଷାନଗର, ୧୧।୧୨(ଡି.ଏନ୍.ଏ.)**

ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହୋଇଛନ୍ତି ହାତୀପଲ। ପାଚିଲା ଧାନ ମୋହରେ ପଡ଼ି ଏହି ବିଶାଳକାୟ ପ୍ରାଣୀ ଚାଷ ଜମି ପ୍ରତି ଆକର୍ଷିତ ହେଉଥିବାବେଳେ ସେମାନେ ଦଳବଦ୍ଧ ଭାବେ ସହର ଉପକଣ୍ଠ ଜମିରେ ଏବେ ଡେରା ପକାଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ତଳି ଅଞ୍ଚଳରେ ରବିବାର ପ୍ରଥମଥର ଏକ ପଲରେ ୧୧ ହାତୀଙ୍କ ଉପସ୍ଥିତି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି।

କାମାକ୍ଷାନଗର ନଟରାଜ ସିନେମାହଲ୍ ପଛ ଓ ଜିରିଡ଼ାମାଳି ଗ୍ରାମ ନିକଟରେ ରବିବାର ପାଚିଲା ଧାନ କିଆରିରେ ୧୧ ହାତୀଙ୍କୁ ଦେଖି ଅଞ୍ଚଳବାସୀଙ୍କ ମନରେ ଛନକା ପଶିଥିଲା। ସମ୍ପୃକ୍ତ ହାତୀପଲ ପୂର୍ବାଞ୍ଚଳ ରେଞ୍ଜ୍ ଅଧୀନ ଜଙ୍ଗଲରୁ ଚାଲି ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏତେସଂଖ୍ୟକ ହାତୀଙ୍କୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ସତ୍ୟନାରାୟଣ ସାହୁ ସଦଳବଳ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ତେବେ ହାତୀପଲ ସେଠାରୁ ଯାଇ ଇନ୍ଦିପୁର ନିକଟରେ ଡେରା ପକାଇଛନ୍ତି। ଅନ୍ୟପଟେ ବିଲରେ ପାଚିଲା ଧାନ କଟାଯାଇ ପଡ଼ିଥିବା ବେଳେ ହାତୀଙ୍କ ଉପସ୍ଥିତି ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସେମାନେ ଦାବି କରିଛନ୍ତି।

# ସଂଗ୍ରହାଳୟ ଯିବ ମୁଣ୍ଡ, ଦାନ୍ତ

**ଛେଣ୍ଡିପଦା, ୧୧।୧୨(ସ୍ୱ.ପ୍ର)**

## ଦନ୍ତାହାତୀ ମୃତଦେହ ଜବତ ଘଟଣା

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ପରା ଗ୍ରାମ ବାଉରୀ ନାଳ ଉପରେ ଥିବା ଭାଲୁମୁଣ୍ଡିଆଠାରୁ ଶନିବାର ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଥିଲା। ଅପରାହ୍ନରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର ଓ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ପହଞ୍ଚିଥିଲେ ହେଁ ସନ୍ଧ୍ୟା ହୋଇଯିବାରୁ ବ୍ୟବଚ୍ଛେଦ କରାଯାଇପାରି ନ ଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅନୁଗୋଳ ଆରସିସିଏଫ ଯୋଗାଜୟାନନ୍ଦ, ଡିଏଫଓ ବିବେକ କୁମାର, ଏସିଏଫ ରଞ୍ଜନ କୁମାର ବେହେରା, ଭୁବନେଶ୍ୱରରୁ ଆସିଥିବା ଟାସ୍କଫୋର୍ସ ଟିମର ମାଧବ ନାଏକଙ୍କ ସମେତ ବନକର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ହାତୀମୃତ୍ୟୁ କାରଣ ଜାଣିବା ପାଇଁ ୫ ନମୁନା ସଂଗ୍ରହ କରାଯାଇଛି। ଏଥିସହିତ ହାତୀମୁଣ୍ଡ ଓ ଦାନ୍ତକୁ ଭୁବନେଶ୍ୱରସ୍ଥିତ ସଂଗ୍ରହାଳୟରେ ରଖାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀମୃତ୍ୟୁର କାରଣ ଜଣାପଡିବ ବୋଲି ଜରପଡା ବନାଞ୍ଚଳ ଅଧିକାରୀ ମାଧବ ନାଏକ ପ୍ରକାଶ କରିଛନ୍ତି।

# ରେକୁଳାରେ ବ୍ୟାପିଲା ଝାଡ଼ାବାନ୍ତି

**କାମାକ୍ଷାନଗର, ୧୧।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୧୪ନଂ. ୱାର୍ଡ ରେକୁଳା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ରବିବାର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ରୋଗୀଙ୍କ କହିବା କଥା, ଗ୍ରାମରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାମିଆଳ ନଦୀରୁ ସିଧାସଳଖ ଜଳଯୋଗାଣ କରାଯାଉଛି। ହେଲେ ନଦୀ ପାଣି ବିଶୋଧନ ପାଇଁ କୌଣସି ସୁବିଧା ନାହିଁ। ତେଣୁ ଦୂଷିତ ପାଣି ପାଇଁ ହିଁ ରୋଗ ବ୍ୟାପିଥିବା ଅଭିଯୋଗ ହେଉଛି। ଆକ୍ରାନ୍ତ କୃଷ୍ଣଚନ୍ଦ୍ର ବେହେରା, ବାଙ୍କ ମଳିକ, ଯଶୋବନ୍ତ ବେହେରା, ଗଧିଆ ଦେହୁରୀ, ଘନଶ୍ୟାମ ବେହେରା, ସତ୍ୟଜିତ୍ ବେହେରାଙ୍କ କହିବା କଥା, ଦୂଷିତ ପାଣି ପାଇଁ ଗ୍ରାମରେ ୩ଦିନ ହେଲା ଝାଡ଼ାବାନ୍ତି ପ୍ରକୋପ ଦେଖାଦେଇଥିଲା। ତେବେ ରବିବାର ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ସହ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲାସ୍ତରୀୟ ସେବାଦଳ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଶ୍ରୀସତ୍ୟସାଇ ସେବା ସମିତି ସହାୟତାରେ ଜିଲାସ୍ତରୀୟ ସେବାଦଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସତ୍ୟସାଇ ସଙ୍ଗଠନର ପ୍ରେମସୁଧା ସମିତି ଓ ସାଙ୍କୁଲେଇ ସମିତି ସଦସ୍ୟମାନେ ଯୋଗ ଦେଇଥିଲେ। ଢେଙ୍କାନାଳ ସମିତିର ଆବାହକ ବିଶ୍ୱଜିତ୍ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମିତିର ଆଧ୍ୟାତ୍ମିକ ସଂଯୋଜକ ସାଇପ୍ରସାଦ ଶରଣ ଉପସ୍ଥିତ ଥିଲେ। ଶେଷରେ ମହାମଙ୍ଗଳ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡା. ପ୍ରେମାନନ୍ଦ ସାହୁ, ବ୍ରଜବନ୍ଧୁ ଚିନ୍ତାରା, ଜାନକୀ ଦେଇ, ମନୋହର ବେହେରା, ରାଜଲକ୍ଷ୍ମୀ ମହାପାତ୍ର, ଶ୍ରୀଧର ସାହୁ, ଅଭୟ ରାଉତ, ଶତ୍ରୁଘ୍ନ ମାଟି, ନିତାଇଚାନ୍ଦ ପଟ୍ଟନାୟକ, ବିଦ୍ୟାଧର ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ସେବାଦଳ ପ୍ରଶିକ୍ଷଣ ଶିବିରରେ ସାଇ ପ୍ରେମୀମାନେ।

Government of Odisha
Skill Development and Technical Education Department
Directorate of Technical Education & Training, Odisha
At- Killamaidan, P.O.- Buxibazar, Cuttack- 753001
Phone No.0671 2301061, e-mail: dtetorissa@gmail.com

NOTICE INVITING REQUEST FOR PROPOSALS (RFP)
For Setup of CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha

No.DTET/2022-23/15511 Date: 08.12.2022

No.KK-279:- The Directorate of Technical Education and Training, Odisha (DTE&T), intends to invite Technical and Financial Proposals through e-tender on MSTC e-procurement website (https://www.mstcecommerce.com/eproc) from the world's leading Original CNC Machines Manufacturing (OEM) companies to setup CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha. The details of scope of work, eligibility criteria, terms & conditions and proposals submission details can be downloaded from the DTE&T, Odisha and MSTC websites (www.dtetodisha.gov.in and www.mstcecommerce.com/eproc) from 12th December, 2022. Any addendum / corrigendum (if required) will be uploaded at website mentioned above.

Sd./- DTE&T, Odisha, Cuttack
OIPR-14004/11/0011/2223

## ସଂକ୍ଷେପରେ

### ଆକ୍ରମଣ କରି ଟଙ୍କା, ଲାପଟପ ଲୁଟ

**ଅନୁଗୋଳ ଅଫିସ, ୧୧।୧୨:** ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳରେ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରର ମାଲିକଙ୍କ ଭାଇଙ୍କୁ ମାଡ଼ ମାରି ଟଙ୍କା ଓ ଲାପ୍‌ଟପ୍ ଛଡ଼ାଇ ନିଆଯାଇଛି। ଏ ନେଇ ପାଲଲହଡ଼ା ଥାନାରେ ଆନନ୍ଦ କୁମାର ସୁନର ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୪୬/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଆନନ୍ଦ ଶନିବାର ରାତି ୮ଟାରେ ଦୋକାନ ବନ୍ଦ କରି ଭାଇ ଅରୁଣ କୁମାର ସୁନରଙ୍କୁ ୩ ଲକ୍ଷ ଟଙ୍କା ସହ ଲାପ୍‌ଟପ୍ ଓ ଅନ୍ୟାନ୍ୟ କାଗଜପତ୍ର ଦେଇଥିଲେ। ତେବେ ଘରକୁ ଯିବା ରାସ୍ତାରେ ସାମନ୍ତସାହି ନିକଟରେ ଦୁଇଟି ମୋଟର ସାଇକେଲରେ ୪ ଜଣ ଦୁର୍ବୃତ୍ତ ଆସି ଭୁଜାଲିରେ ଅରୁଣଙ୍କୁ ଆକ୍ରମଣ କରିଥିଲେ। ଏଥିସହ ଟଙ୍କା ଓ ଲାପ୍‌ଟପ୍ ନେଇ ଚମ୍ପଟ ମାରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦୋକାନୀଙ୍କଠାରୁ ଟଙ୍କା ଲୁଟ୍

**ଅନୁଗୋଳ ଅଫିସ, ୧୧।୧୨:** ଅନୁଗୋଳ ଜିଲା ତାଳଚେର ଥାନା ଏକ ଢାବା ନିକଟରେ ଥିବା ଖଲି ଚଉପଟି ଦୋକାନୀଙ୍କ ଠାରୁ ୪୫ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ବ୍ୟବସାୟୀ ଯୁଧିଷ୍ଠିର ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୯୪୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶନିବାର ପୂର୍ବାହ୍ନ ୧୦ଟାରେ ଯୁଧିଷ୍ଠିର ଦୋକାନରେ ବସିଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ୪୫ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଉନ୍ନତି ପାଇଁ ମିଳିଲା ଉପାୟ

■ଗଞ୍ଜେଇ ଚାଷ ଛାଡ଼ି କରୁଛନ୍ତି କଦଳୀ, ପରିବା ଫସଲ
■ଅଧିକ ଲାଭ ମିଳୁଥିବାରୁ ଆକୃଷ୍ଟ ହେଉଛନ୍ତି ଯୁବଚାଷୀ
■ଉପଯୁକ୍ତ ତାଲିମ, ପ୍ରୋତ୍ସାହନ ଚାହୁଁଛନ୍ତି ଛେଣ୍ଡିପଦା ଚାଷୀ

**ଛେଣ୍ଡିପଦା, ୧୧।୧୨ (ଡି.ଏନ.ଏ.)**



ଆଇନ ସମ୍ପର୍କରେ ଥିଲେ ଅଜ୍ଞ। ଧରପଗଡ଼ କରୁ ନ ଥିଲା ପୋଲିସ। ଅବକାରୀ ବିଭାଗ ମଧ୍ୟ ଦେଖାଉ ନ ଥିଲା ନାଲି ଆଖି। ସେଥିପାଇଁ ବହୁଳ ଭାବେ କରାଯାଉଥିଲା ବେଆଇନ ଗଞ୍ଜେଇ ଚାଷ। ଅଧିକ ଲାଭ ମିଳୁଥିବାରୁ ଦୀର୍ଘବର୍ଷ ଧରି ବହୁ ଚାଷୀ ଆଦରି ନେଇଥିଲେ ଏହାକୁ। ହେଲେ ପ୍ରଶାସନ ସଚେତନ କରିବା ସହ କଠୋର ହେବା ପରେ ନିଜ ଉନ୍ନତି ପାଇଁ ଉପାୟ ଖୋଜି ପାଇଛନ୍ତି ସେମାନେ। ଫଳରେ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ନେଇଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଅନେକ ଚାଷୀ। ଅନ୍ୟମାନଙ୍କ ପରି ସେମାନେ ମଧ୍ୟ କଦଳୀ, ପରିବା ଫସଲ କରି ଆର୍ଥିକ ଭାବେ ସୁଦୃଢ଼ ହୋଇପାରିଥିବାରୁ ଅଧିକରୁ ଅଧିକ ଯୁବ ଚାଷୀ ଏବେ ଏହି ଅର୍ଥକରୀ ଫସଲ ଫଳାଉଥିବା ସୂଚନା ମିଳିଛି।

ଛେଣ୍ଡିପଦା ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ଏକରରେ କଦଳୀ ଚାଷ କରାଯାଇଛି। ସେହିପରି ୮ଶହରୁ ଅଧିକ ଏକର ଜମିରେ ପରିବା ଲଗାଯାଇଛି। ବ୍ଲକର ହାଣ୍ଡିଗୋଡା ଜାମୁନାଳିରେ ଚାଷୀମାନେ ୭୦ ହଜାର କଦଳୀ ଗଛ ଲଗାଇଥିବା ବେଳେ କୁକୁରପେଟା ଗ୍ରାମର ଚାଷୀ ୧ଲକ୍ଷରୁ ଊର୍ଦ୍ଧ୍ୱ, ଟେଣ୍ଟୁଲୋଇ ଗ୍ରାମରେ ୪୦ ହଜାର, ବାଲିନାଳି ଗ୍ରାମରେ ୫୦ ହଜାର, ବ୍ରାହ୍ମଣବିଲ ଗ୍ରାମରେ ୭୦ ହଜାର, ଝିଣ୍ଟିପାଳରେ ୨୦ ହଜାର, ବାଗଡିଆ ଖମାର ଗ୍ରାମରେ ୧୦ ହଜାର, ବସନ୍ତପୁର ଗ୍ରାମରେ ୧୦ ହଜାର, ନୂଆଗାଁରେ ୬୦ ହଜାର, କଣଲୋଇରେ ୩୦ ହଜାର କଦଳୀ ଗଛ ଚାଷୀ ଲଗାଇଥିବା ଜଣାପଡ଼ିଛି। ସେହିପରି କମ୍ପସଲା, ବାହାଳସାହି, ବ୍ରାହ୍ମଣବିଲ, ଟାଙ୍ଗୁଡିଆ, ଟେଣ୍ଟଲୋଇ, କୋରଡା, ବାଗଡିଆ, ଟାଙ୍ଗିର, ଖମାର, ଶିମିଳିପାଳ, ପାତ୍ରପଡା, ନୂଆଗାଁ, କୁଶକିଳା, କୁକୁରପେଟା, ଦୁର୍ଗାପୁର, କତଡା, ଜରପଡା, ପରା, ଉଗୀ ଆଦି ପଞ୍ଚାୟତର ୮୦୦ରୁ ଊର୍ଦ୍ଧ୍ୱ ଏକରରେ ପରିବା ଚାଷ କରାଯାଇଛି। ଅନୁଗୋଳ, ସମ୍ବଲପୁର, ତାଳଚେର ଅଞ୍ଚଳର ବ୍ୟବସାୟୀମାନେ ଏଠାକୁ ଆସି କଦଳୀ ଓ ପରିବା କିଣି ନେଉଥିବାରୁ ଚାଷୀମାନେ ଭଲ ରୋଜଗାର କରିପାରୁଛନ୍ତି। ଦିନକୁ ଦିନ ଏହି ଫସଲର ଚାହିଦା ବଢୁଥିବାରୁ ଅଧିକରୁ ଅଧିକ ଚାଷୀ କଦଳୀ ଓ ପରିବା ଚାଷ ପାଇଁ ଆଗଭର ହେଉଥିବା ଜଣାପଡ଼ିଛି। କିନ୍ତୁ ଜଳସେଚନରେ ଥିବା ସମସ୍ୟା ଦୂର କରାଯାଉ ନ ଥିବା ବେଳେ ସରକାରଙ୍କ ନିକଟରୁ ଅଧିକ ପ୍ରୋତ୍ସାହନ ମିଳୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭଲ ବିହନ, ସାର, ଔଷଧ ଓ ଉପଯୁକ୍ତ ତାଲିମର ବ୍ୟବସ୍ଥା କରିବାକୁ ଛେଣ୍ଡିପଦାର ଚାଷୀମାନେ ଦାବି କରିଛନ୍ତି।

**ବର୍ଷକୁ ୫୦ ହଜାର ଲାଭ**



ଛେଣ୍ଡିପଦାରେ ଏବେ କଦଳୀ ଚାଷ ଜୋର୍‌ଦାର କରାଯାଉଛି। ଚାହିଦା ବଢୁଥିବାରୁ ସବୁ ଖର୍ଚ୍ଚ ଯାଇ ବର୍ଷକୁ ୫୦ ହଜାର ଟଙ୍କା ଲାଭ ମିଳିପାରୁଛି। ହେଲେ ପ୍ରାକୃତିକ ବିପର୍ଯ୍ୟାୟଜନିତ କ୍ଷୟକ୍ଷତି ପରେ ସରକାରଙ୍କ ତରଫରୁ ଅଧିକ ସହାୟତା ଯୋଗାଇ ଦିଆଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ।

-ସୁରେଶ ଦେହୁରୀ, ଚାଷୀ, ନୂଆଗାଁ

**ବଜାର ସୁବିଧା, ତାଲିମ ବ୍ୟବସ୍ଥା ହେଉ**



ଅନେକ ଚାଷୀ ଗଞ୍ଜେଇ ଚାଷ ଛାଡି ଦେଇ ପରିବା ଓ କଦଳୀ ଫସଲରେ ମନୋନିବେଶ କରିଛନ୍ତି। କିନ୍ତୁ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ବଜାର ସୁବିଧା ସହ ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ ଦେବାର ଆବଶ୍ୟକତା ରହିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉ।

-ଜନ୍ମେଜୟ ମାଝି, ସରପଞ୍ଚ, କଣଲୋଇ

**ଉପଯୁକ୍ତ ପ୍ରୋତ୍ସାହନ ଉତ୍ସାହିତ କରିବ**



ସରକାରଙ୍କ ପକ୍ଷରୁ ଉପଯୁକ୍ତ ତାଲିମ ଓ ସହଯୋଗ ଦିଆଗଲେ ଚାଷୀଙ୍କ ରୋଜଗାର ଦୁଇଗୁଣିତ ହୋଇପାରିବ। ଅନ୍ୟ ଅଞ୍ଚଳର ଚାଷୀମାନଙ୍କୁ ଏହା ଉତ୍ସାହିତ କରିବ। ରାଜ୍ୟରେ ଅଧିକରୁ ଅଧିକ କଦଳୀ ଓ ପରିବା ଚାଷ କରାଯିବା ଦ୍ୱାରା ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇପାରିବ।

-ଲଳିତ କୁମାର ପ୍ରଧାନ, ଚାଷୀ, ବାଲିନାଳୀ

**ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଉ**



କଦଳୀ ଓ ପରିବା ଚାଷ ବହୁ ଚାଷୀଙ୍କ ଆର୍ଥିକ ସଂକଟକୁ ଦୂର କରିପାରୁଛି। ଚାହିଦା ତୁଳନାରେ ଏବେ ଉତ୍ପାଦନ କମ୍ ଥିବାରୁ ଏହି ଚାଷକୁ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ସେହିପରି ଜଳସେଚନ ଦିଗରେ ସରକାର ପଦକ୍ଷେପ ନେଲେ ଅଧିକ ଚାଷୀ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ।

-ରୋହିତ ସାହୁ, ଚାଷୀ, ବାଲିନାଳୀ

**ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି**



ଋତୁ ଅନୁଯାୟୀ ଚାଷୀ କିପରି ଫସଲ ରକ୍ଷା କରିପାରିବେ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପୂର୍ବପରି ସେମାନଙ୍କୁ ସାର, ଔଷଧ ସିଧାସଳଖ ଦିଆଯାଉନାହିଁ। ଚାଷୀ ତାହାକୁ କିଣି ବିଲ୍ ପଇଠ କରିବା ପରେ ସେମାନଙ୍କ ଖାତାକୁ ସିଧାସଳଖ ସବସିଡି ଟଙ୍କା ପଠାଯାଉଛି। କୌଣସି ସମସ୍ୟା ଥିଲେ ଗ୍ରାମ ରୋଜଗାର ସେବକଙ୍କ ସହିତ ଆଲୋଚନା କରନ୍ତୁ।

-ବିନୋଦ କୁମାର ଦଳେଇ, କୃଷି ଅଧିକାରୀ, ଛେଣ୍ଡିପଦା

**ହେକ୍ଟର ପିଛା ୩୦ ହଜାର ଦିଆଯାଉଛି**

ଉଦ୍ୟାନ ବିଭାଗ ପକ୍ଷରୁ ଛେଣ୍ଡିପଦା ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ କଦଳୀ ଫସଲ ପାଇଁ ବିଭିନ୍ନ କିସମର ଉନ୍ନତମାନର ବିହନ ପ୍ରଦାନ କରାଯାଉଛି। ଏଥିସହ ହେକ୍ଟର ପିଛା ୩୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। ଚାଷୀମାନଙ୍କୁ ଛତୁ, ଫୁଲ, ହାଇବ୍ରିଡ ପନିପରିବା ଚାଷ ପାଇଁ ମଧ୍ୟ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

-ଅନ୍ୱେଷା ପ୍ରଧାନ, ସହକାରୀ ଉଦ୍ୟାନ ଅଧିକାରୀ, ଛେଣ୍ଡିପଦା

## ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ଆଲୋଚନା

**ବଣ୍ଡଅଁରପାଳ, ୧୧।୧୨ (ଡି.ଏନ.ଏ.)**

ଅନୁଗୋଳସ୍ଥିତ ନାଲ୍‌କୋର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭୀମସେନ ପ୍ରଧାନଙ୍କୁ ନାଲ୍‌କୋ ସ୍ପୋନସର୍ଡ ଏଲ.ଏ.ପି. (ଆଇଟିଆଇ) ୧୯୮ କ୍ଷତିଗ୍ରସ୍ତ ପ୍ରଜା ସଂଘର ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛନ୍ତି। ପ୍ରତିନିଧିମଣ୍ଡଳୀରେ ଥିବା କର୍ମକର୍ତ୍ତାମାନେ ଇଡିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ସଂଘର ସଭ୍ୟାସଭ୍ୟମାନେ କିପରି ସ୍ଥାୟୀ ନିଯୁକ୍ତି ସୁଯୋଗ ପାଇବେ ସେ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଠିକାଭିତ୍ତିକ ନିଯୁକ୍ତି ପାଇଥିବା ସଂଘର ସଭ୍ୟାସଭ୍ୟ ଓ ଆଗାମୀ ଦିନରେ ଠିକା ନିଯୁକ୍ତି ଆଶାୟୀମାନଙ୍କ ସମସ୍ୟା ସମ୍ପର୍କରେ ନୂତନ କାର୍ଯ୍ୟ ନିର୍ବାହୀ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନିକ)ଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ନୂତନ ଇଡି ପ୍ରତିଶ୍ରୁତି ଦେଇଥିଲେ। ସଂଘ ସଭାପତି ଦିବ୍ୟ ରଞ୍ଜନ ଦାସ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ବିନୋଦ ନାୟକ, ସୌଭାଗ୍ୟ ସାହୁ ପ୍ରମୁଖ ଏହି ସାକ୍ଷାତ ବେଳେ ଉପସ୍ଥିତ ଥିଲେ।



ନାଲ୍‌କୋ ଇଡିଙ୍କୁ କର୍ମକର୍ତ୍ତାମାନେ ସାକ୍ଷାତ କରୁଛନ୍ତି।

## ସାହାଯ୍ୟ ସହଯୋଗ ବଜାୟ ରଖ





କାର୍ଯ୍ୟକ୍ରମରେ ଉପସ୍ଥିତ ଶାଖା କର୍ମକର୍ତ୍ତା ଓ ସଦସ୍ୟମାନେ।

**ତାଳଚେର, ୧୧।୧୨ (ନି.ପ୍ର.)**

**ଜେସିଆଇର ୪ର୍ଥ ସ୍ଥାପନା ସମାରୋହ**

ଜୁନିଅର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖାର ୪ର୍ଥ ସ୍ଥାପନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦେଉଳବେଡା କୋଲିୟରୀ କ୍ଲବ ହାଉସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦାୟୀ ସଭାପତି ମନିଶ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ନୂତନ ସଭାପତି ଭାବେ ଦୀପ୍ତି ରଞ୍ଜନ ବିଶ୍ୱାଳ ଶପଥ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏମ୍.ସି.ଏଲ୍. ଜଗନ୍ନାଥ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ଜେସିଆଇ ଜୋନ୍ ସଭାପତି ଆଶିଷ ଅଗ୍ରୱାଲା, ଆକାଶ ସୁନ୍ଦରାନୀ, ଉପଦେଷ୍ଟା ଡ. ରଶ୍ମୀ ରଞ୍ଜନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଡି.ଏ.ଭି. ଜଗନ୍ନାଥ କ୍ଷେତ୍ର ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଯୋଗଦେଇ ଆଗାମୀ ଦିନରେ ସମାଜର ଅବହେଳିତ, ଦାରିଦ୍ର୍ୟ ଓ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ ସହଯୋଗ ବଜାୟ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ତାଳଚେର ଜେସିଆଇ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର, ପାନୀୟ ଜଳ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା, ସ୍ଥାନୀୟ ଯୁବତୀ ଯୁବକଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନୂତନ ସଭାପତି ବିଶ୍ୱାଳ ସୂଚନା ଦେଇଥିଲେ। ଜେସିଆଇ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ମୋଦି, ସମ୍ପାଦକ କୁଶଲ ଅଗ୍ରୱାଲା, କମଲ ଅଗ୍ରୱାଲା, ମାନସ ଅଗ୍ରୱାଲା, ଆନନ୍ଦ ଅଗ୍ରୱାଲା, ରାକେଶ ଗୁପ୍ତା, ବାସୁଦେବ ସାହୁ, ଶୁଭକାନ୍ତ ଆଚାର୍ଯ୍ୟ, ଅଂଶୁମାନ ଜ୍ୟୋତି ପ୍ରକାଶ, ଚନ୍ଦନ ସାହୁ, ପ୍ରଦୀପ ପାଲ, ହରିଶ ଅଗ୍ରୱାଲା, ଜିତେନ୍ଦ୍ର ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗଠନ ସୁଦୃଢ଼ ସମ୍ପର୍କରେ ଆଲୋଚନା

**ବଣ୍ଡଅଁରପାଳ, ୧୧।୧୨ (ଡି.ଏନ.ଏ.)**

ବଣ୍ଡଅଁରପାଳ ବ୍ଲକ ନାଲ୍‌କୋନଗରସ୍ଥିତ ନେପୁ କାର୍ଯ୍ୟାଳୟଠାରେ ଅନୁଗୋଳ କ୍ଷତ୍ରିୟ ଖଣ୍ଡାୟତ ପାଇକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁବୋଧ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ଶ୍ୱେତବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ବିନୋଦ ସେଠ, ସଭାନେତ୍ରୀ ପଦ୍ମାକ୍ଷି ସିଂ, ସୌଭାଗିନୀ ଦାସ, ମାଙ୍ଗିଲାଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଫେବୃୟାରୀରେ ୧୦ ହଜାର କ୍ଷତ୍ରିୟଙ୍କୁ ନେଇ ଏକ ସମାରୋହ ଆୟୋଜନ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରଞ୍ଜନ ବିଶୋଇ, ସମ୍ପାଦକ କୁନା ଗଡ଼ନାୟକ, ଡମ୍ବରୁଧର ଗଡ଼ନାୟକ, ପୁରୁଷୋତ୍ତମ ସିଂ, ଦୁଃଖବନ୍ଧୁ ଗଡ଼ନାୟକ, ମନୋରଞ୍ଜନ ଜୋର, ବ୍ରହ୍ମବର ନାୟକ, ଲୁଲୁ ଦାସ, ଜଗନ୍ନାଥ ଗଡ଼ନାୟକ, ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ବୈଠକରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତାମାନେ।

# ମିନି ମାରାଥନରେ ୬ଶହ ପ୍ରତିଯୋଗୀ





ଅନୁଗୋଳ ସହରରେ ମିନି ମାରାଥନ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।



ସଙ୍ଗୀତ ପରିବେଷଣ ବେଳେ ଉତ୍ସାହିତ ଯୁବପିଢ଼ି।

■ଅନୁଗୋଳ ଜିଲାକୁ ୩୦ ଛୁଉଁଥିବାରୁ ଉତ୍ସବ ପାଳୁଛି ଜିଲା ପ୍ରଶାସନ
■'ରନ୍ ଫର୍ ଗ୍ଲୋରୀ, ରନ୍ ଫର୍ ମେମୋରୀ'କୁ ନେଇ ଉତ୍ସାହ
■ଆସନ୍ତା ରବିବାରରୁ ଆରମ୍ଭ ହେବ ରାହଗିରି

**ଅନୁଗୋଳ ଅଫିସ, ୧୧।୧୨**



ଶୀତୁଆ ସକାଳର କୁହୁଡ଼ି ଭିତରେ ଆରମ୍ଭ ହୋଇଥିଲା ମିନି ମାରାଥନ। ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ରୁଣ୍ଡ ହୋଇଥିଲେ ୬ଶହ ଯୁବତୀ ଯୁବକ। ନାମ ପଞ୍ଜୀକରଣ ସରିବା ମାତ୍ରେ ସବୁଜ ପତାକା ଦେଖାଇଥିଲେ ଅତିଥି। ଏହାପରେ ସହର ରାସ୍ତାରେ ଦୌଡ଼ିଥିଲେ ଯୁବଗୋଷ୍ଠୀ। କେବଳ ଦୌଡ଼ ନୁହେଁ, ଓଡିଉଡ୍, ବଲିଉଡ ସଙ୍ଗୀତର ମଜା ଉଠାଇଥିଲେ ପ୍ରତିଯୋଗୀ। ପ୍ରଶାସନିକ ଅଧିକାରୀ ଓ ନିଜର ପ୍ରିୟ କଣ୍ଠଶିଳ୍ପୀମାନଙ୍କୁ ପାଖରେ ପାଇ ସେଲ୍‌ଫି ନେବାକୁ ମଧ୍ୟ ଭୁଲି ନ ଥିଲେ ଯୁବପିଢ଼ି।

୨୦୨୩ ଏପ୍ରିଲ ୧ରେ ଅନୁଗୋଳ ଜିଲା ୩୦ ବର୍ଷରେ ପଦାର୍ପଣ କରିବ। ଜିଲାର ଏହି ଜନ୍ମଦିବସକୁ ଅଧିକ ସ୍ମରଣୀୟ କରିବାକୁ ବହୁ ପୂର୍ବରୁ ଉତ୍ସବର ଆୟୋଜନ କରିଛି ଜିଲା ପ୍ରଶାସନ। ରବିବାରଠାରୁ ମିନି ମାରାଥନ ମାଧ୍ୟମରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଥମେ 'ରନ ଫର ଗ୍ଲୋରୀ, ରନ ଫର୍ ମେମୋରୀ' ଟ୍ୟାଗ୍ ଲାଇନ୍ ଦିଆଯାଇ ମାରାଥନ୍ ଆରମ୍ଭ ହୋଇଥିଲା। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ସକାଳ ୭ଟା ୨୭ରେ ଶୈଳଶ୍ରୀକ୍ଷେତ୍ର ସମ୍ମୁଖରେ ସହରର ଯୁବତୀଯୁବକମାନେ ଏକାଠି ହେବା ପରେ ଏହି ମିନି ମାରାଥନର ଶୁଭାରମ୍ଭ କରାଯାଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ବଇତୁରା ଦୀପ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଗଣଦୌଡ଼ ବିଇଡି କଲେଜ ଛକ, ଉଦ୍ୟାନ ଛକ, ଥାନା ଛକ ଓ ବଜାର ଦେଇ ପୁଣି ଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା। ଶ୍ରେତମ ସେଠୀ ଏଥିରେ ପ୍ରଥମ ହୋଇଥିବା ବେଳେ ରିତେଶ ସେଠୀ ଦ୍ୱିତୀୟ ଓ ସୂର୍ଯ୍ୟକାନ୍ତ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଥିଲେ। ଏହାପରେ ଓଲିଉଡ କଳାକାର ନାଭ୍ୟା ଓ ସାଥି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଆସନ୍ତା ରବିବାର ଜିଲାର ସମସ୍ତ ଉପଖଣ୍ଡରେ ରାହଗିରି କରାଯିବ ବୋଲି ଘୋଷଣା କରିଥିଲେ। ଏଥିରେ ଓଲିଉଡର ବିଭିନ୍ନ କାଳକାରମାନେ ଯୋଗଦେବେ। ସେହିପରି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା।

